## କୋଇଲିପୁର ସେବା ସମବାୟ ସମିତି ସମ୍ପାଦକ ନିଲମ୍ବିତ

ରାଜନଗର,(ଡି.ଏନ.ଏ.): ରାଜନଗର ବ୍ଲକ୍‌ର ଡାଙ୍ଗମାଳ ଓ କୋଇଲପୁର ସେବା ସମବାୟ ସମିତିର ସମ୍ପାଦକ ଦାୟିତ୍ୱରେ ଘନଶ୍ୟାମ ଜେନା ଥିଲେ। ଚାଷୀମାନେ ତାଙ୍କ ନାଁରେ ଦୁର୍ନୀତି ଅଭିଯୋଗ ଆଣିବାରୁ ଡାଙ୍ଗମାଳ ସମ୍ପାଦକ ପଦରୁ ଜେନାଙ୍କୁ ଫେବୃୟାରୀରେ ନିଲମ୍ବନ କରାଯାଇଥିଲା। ହେଲେ ସେ କୋଇଲପୁର ସମ୍ପାଦକ ପଦରେ ରହି କାମ କରୁଥିଲେ। ଏଠାରେ ମଧ ତାଙ୍କ ନାଁରେ ଚାଷୀମାନେ ମଣ୍ଡିରେ ଧାନ କିଣାରେ ଅନିୟମିତତା ଅଭିଯୋଗ ଆଣିଥିଲେ। ଏହାପରେ ତାଙ୍କୁ ମଙ୍ଗଳବାର କାର୍ଯ୍ୟରୁ ଏଆରସିଏସ୍ କେନ୍ଦ୍ରାପଡ଼ା ଚିଠି ନଂ. ୫ରେ ନିଲମ୍ବିତ କରିଛନ୍ତି। ତାଙ୍କୁ ସହକାରୀ ସମ୍ପାଦକ ପ୍ରକାଶ କୁମାର ଜେନାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ସଂକ୍ଷେପରେ**

### ଘରେ ପଶି ସୁନା ଗହଣା ଲୁଟି ନେଲେ ଦୁର୍ବୃତ୍ତ

ରାହାମା,୨୩।୩(ଡି.ଏନ୍.ଏ.): କୁଜଙ୍ଗ ଥାନା କାଠକୋଟ ଗ୍ରାମର ଲତିକା ପ୍ରଧାନଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ୍ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ମଙ୍ଗଳବାର ପୋଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛି। ସୋମବାର ବିଳମ୍ବିତ ରାତିରେ ଲତିକା ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ତାଙ୍କ କାନରୁ ସୁନା ରିଙ୍ଗ ଛିଣ୍ଡାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ତାଙ୍କ ନିଦ ଭାଙ୍ଗିଯିବାରୁ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ଠେଙ୍ଗାରେ ଆଘାତ କରିଥିଲେ। ଫଳରେ ଲତିକା ଚିତ୍କାର କରିବାରୁ ପୋଡ଼ଶୀ ଉଠି ଆସିଥିଲେ। ସେତେବେଳକୁ ଦୁର୍ବୃତ୍ତମାନେ ୨ ଟି ବାକ୍ସରୁ ସୁନା ଗହଣା ଓ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଲତିକା ଝିଅ ବାହାଘର ପାଇଁ ଘରେ ପ୍ରାୟ ୨ ଲକ୍ଷ ଟଙ୍କା ସମେତ ସୁନାଗହଣା ରଖିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଥାନାରେ ମାମଲା (ନଂ.୧୦୭/୨୧) ରୁଜୁ ହୋଇଛି।

### ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ

ରାଜନଗର,୨୩।୩(ଡି.ଏନ.ଏ.):ଜାତିର ପିତା ମହାତ୍ମା ଗାନ୍ଧୀ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ରାଜନଗରରେ ମଙ୍ଗଳବାର ପାଳିତ ହୋଇଯାଇଛି। ୧୯୨୧ ଗାନ୍ଧିଜୀ ଓଡ଼ିଶାରେ ପାଦ ରଖିବା ସହ ଅହିଂସା, ଶାନ୍ତି ଭିତରେ ସ୍ୱାଧୀନତା ହାସଲ ପାଇଁ କହିଥିଲେ। ରାଜନଗର ବ୍ଲକ ଓ ତହସିଲ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧା ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଜଳଧର ବେହେରା, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ଆଇନଜୀବୀ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ୫୦ କିଲୋ ଅଡୁଙ୍ଗା କନ୍ଦା ଜବତ

ଦଶପଲ୍ଲା,୨୩।୩(ଡି.ଏନ.ଏ.): ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ପୋଖରୀଗୋଛା ପଞ୍ଚାୟତର କଇଁଆଡିହରୁ ବନ ବିଭାଗ ତରଫରୁ ୫୦ କିଲୋ ଅଡୁଙ୍ଗା କନ୍ଦା ସହ ସାଇକେଲ ଜବତ କରାଯାଇଛି। ଉକ୍ତ କନ୍ଦା ଔଷଧ ତିଆରିରେ ବ୍ୟବହାର କରାଯାଇଥାଏ।

### ଚୋରି ଅଭିଯୋଗରେ ୩ ଜେଲ୍ ଗଲେ

ନୟାଗଡ଼ ଅଫିସ,୨୩।୩: ଇଟାମାଟି ଥାନା ପୋଲିସ ରାଶନ ଚୋରି ଅଭିଯୋଗରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ପୁରୁଣା ସହରର ଶିବବ୍ରତ ପଟ୍ଟନାୟକ, ଘଡୁଆଳର ସହିଲ କୁମାର ସାହୁ ଓ ବଳାଙ୍ଗୀବନ୍ଧର ସୁଧାଂଶୁ ମହାପାତ୍ର। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ନୟାଗଡ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି। ୬ମାସ ମଧରେ ଇଟାମାଟି ବଜାରର ୭ଟି ରାଶନ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି ହେଉଥିଲା। ୨୦ ତାରିଖରେ ଗୋକୁଳାନନ୍ଦ ସାହୁଙ୍କ ଦୋକାନରୁ ଚୋରି ନେଇ ଅଭିଯୋଗ ପରେ ପୋଲିସ ନଂ.୩୮/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### କଂକ୍ରିଟ ରାସ୍ତା ନ କରି ଅର୍ଥ ଲୁଟ୍ ମସୁଧା ଅଭିଯୋଗ

ରାଜନଗର,୨୩।୩(ଡି.ଏନ.ଏ.): ରାଜନଗର ବ୍ଲକ ଡେରା ଗାଁର ପାରେଶ୍ୱର ଦାସଙ୍କ ଘରଠାରୁ ଆରଡି ରାସ୍ତା ପର୍ଯ୍ୟନ୍ତ କଂକ୍ରିଟ ଲାଗି ୨୦୧୪-୧୫ ଆର୍ଥିକ ବର୍ଷରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ ରାସ୍ତା ନିର୍ମାଣ ହୋଇ ନ ଥିଲା। ପୁଣି ୨୦୧୭-୧୮ରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଆଉ ୨ ଲକ୍ଷ ଟଙ୍କା ମଞ୍ଜୁର ପରେ ରାସ୍ତା କଂକ୍ରିଟ କରାଯାଇ ବିଲ କରାଯାଇଛି। ସେ ସମୟରେ ୨୦୧୪-୧୫ ର ପ୍ରକଳ୍ପଟି ବାତିଲ ହୋଇଯାଇଥିବା କୁହାଯାଇଥିଲା। ମାତ୍ର ଏବେ ସମ୍ପୃକ୍ତ ପୁରୁଣା ଯୋଜନାରେ ଥିବା ଅର୍ଥକୁ ଫଲ୍ସ ବିଲ୍ କରି ଉଠାଇ ନେବାକୁ ମସୁଧା ହୋଇଥିବା ନେଇ ପଞ୍ଚାୟତର ସମିତିସଭ୍ୟ ଶୁକଦେବ ଭଦ୍ର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କୁହନ୍ତି, ଏହାର ଅନୁଧାନ କରିବା ପରେ ଯଦି ଏଭଳି କିଛି ମସୁଧା ଚାଲିଥିବା ଜଣାପଡିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

# ସୁରକ୍ଷା ଖୋଜୁଛି ଭିତରକନିକା ଜୈବ ମଣ୍ଡଳ

କେନ୍ଦ୍ରାପଡ଼ା ଅଫିସ, ୨୩।୩

- ତଟକ୍ଷୟ ସହ ହେନ୍ତାଳବଣ କମୁଛି
- କଟକଣା ମାନୁନାହାନ୍ତି ଅନୁପ୍ରବେଶକାରୀ
- ମଧୁର ଜଳର ଅଭାବ ସହିତ ବଢ଼ୁଛି ଚିଙ୍ଗୁଡ଼ି ଘେରି


ଅଗରନାସୀ ଦ୍ୱୀପରେ ତଟକ୍ଷୟ ହେବାରେ ଲାଗିଛି।

ଆମେ ତ ଚିରକାଳ ପାଇଁ ଜଙ୍ଗଲ ଜମି କର ଦେଇଥାଉ। ଏହେତୁ ଜଙ୍ଗଲ ଆମର, ନାହିଁ ଇଷ୍ଟେଟ ଅଧିକାର। କନିକା ରାଜବଂଶର କଠୋର ଜଙ୍ଗଲ ନୀତିକୁ ବିରୋଧ କରି ୧୯୨୨ କନିକା ପ୍ରଜା ଆନ୍ଦୋଳନ ସମୟରେ ବିପ୍ଳବୀ କବି ଆନନ୍ଦ ଜେନା ଏହି ପଂକ୍ତି ‘ଦୁଃଖିନୀ କନିକା’ ପୁସ୍ତକରେ ଲେଖିଛନ୍ତି। ସେହି ସମୟରେ ଭିତରକନିକାର ଜଙ୍ଗଲ ସୁରକ୍ଷା ପାଇଁ ହୋଇଥିବା କଟକଣା ଏବେ ଜାତୀୟ ଉଦ୍ୟାନରେ ପରିଣତ ହୋଇଛି। ବିଶ୍ୱରେ ଏହାର ପ୍ରାକୃତିକ ବିଭବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ଏଠାକୁ ପକ୍ଷୀ, ବିରଳ ଅଲିଭ ରିଡ୍‌ଲେ ଓ ଅନ୍ୟ ଜୀବଜନ୍ତୁ ଆସୁଛନ୍ତି। ଏଠାରେ ଥିବା ବଉଳା କୁମ୍ଭୀର, ଡଲଫିନ, ଔଷଧୀୟ ବୃକ୍ଷ, ହେନ୍ତାଳ ବଣ ପ୍ରତ୍ୟେକଙ୍କ ପାଇଁ ଆକର୍ଷଣ ସାଜିଛି। ଏବେ ଏହାର ଜୈବ ମଣ୍ଡଳ ବିଭିନ୍ନ କାରଣରୁ ଅସୁରକ୍ଷିତ ହୋଇପଡିଛି। ମଧୁର ଜଳର ଅଭାବ ଆର୍ଦ୍ରଭୂମି ଉପରେ ପ୍ରଭାବ ପକାଉଛି। ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଂ) ଯୋଗୁ ସମୁଦ୍ରର ଜଳପତନ ବୃଦ୍ଧି ପାଇ ତଟକ୍ଷୟ ହେଉଛି। ଜଙ୍ଗଲ ଜମି ଏବେ ଅନୁପ୍ରବେଶକାରୀଙ୍କ ପାଇଁ ଚରାଭୂଇଁ ପାଲଟିଛି। ଫଳରେ ହେନ୍ତାଳବଣ କମିବାରେ ଲାଗିଛି। ଏଠାରେ ଥିବା ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ଅବାଧ ଶିକାର ଚାଲିଛି। ଶିଳ୍ପ ଓ ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ରାସାୟନିକ ବର୍ଜ୍ୟବସ୍ତୁ ପରିବେଶକୁ ଧ୍ୱଂସ ପଥକୁ ନେଇଯାଉଛି। ଏହାକୁ ନେଇ ପରିବେଶବିତ୍, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଗବେଷକ ଡା. ପି.ଏନ. ଗୌରାଙ୍ଗ, ପରିବେଶବିତ୍ ହେମନ୍ତ କୁମାର ରାଉତ, ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା, ସାମାଜିକ କର୍ମୀ ମନୋଜ ନାୟକ, ବୁଦ୍ଧିଜୀବୀ ମାତୃଦତ୍ତ ମହାନ୍ତି କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ପ୍ରକୃତିର ବରଦାନ। ବଙ୍ଗୋପସାଗରର ଲୁଣା ଜଳ ସହ ବ୍ରାହ୍ମଣୀ, ବୈତରଣୀ ଓ ବିଭିନ୍ନ ନାଳର ମଧୁର ଜଳ ସମ୍ମିଶ୍ରଣରେ ଆର୍ଦ୍ରଭୂମି ଗଢ଼ି ଉଠିଛି। ଏହା ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ୬୭୨ବର୍ଗ କି.ମି. ପରିବ୍ୟାପ୍ତ ଭିତରକନିକା ଜୈବ ବିବିଧତାରେ ପରିପୂର୍ଣ୍ଣ। ଏଠାରେ ୭୨ ପ୍ରକାର ହେନ୍ତାଳ ଜାତୀୟ ବିରଳ ବୃକ୍ଷ ଓ ୬୪ ପ୍ରକାର ଔଷଧୀୟ ବୃକ୍ଷ ରହିଛି। ୨୧୫ରୁ ଊର୍ଦ୍ଧ୍ୱ ପ୍ରଜାତିର ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଏହା ସ୍ଥାୟୀ ବାସସ୍ଥାନ। ଲୁଣା କୁମ୍ଭୀରର ଆବାସସ୍ଥଳ ଭାବେ ପରିଚିତ ଏହି ସ୍ଥାନରେ ଥିବା ଗୋରୀ, ମଲ୍ଲୀଙ୍କ ସହ ଚଳିତବର୍ଷ ୧୬ ଧଳା କୁମ୍ଭୀର ଦେଖିବାକୁ ମିଳିଛି। ପୂର୍ବରୁ ଦେଶୀୟ ପକ୍ଷୀ ଭିତରକନିକାର ବଗଗହନରେ ବାସ କରୁଥିଲେ। ତେବେ ଏହା ଅସୁରକ୍ଷିତ ହେବାରୁ ମଠଆଡିଆ, ଲକ୍ଷ୍ମୀପ୍ରସାଦ ଆଡିଆ ଏବେ ସେମାନଙ୍କ ବାସସ୍ଥାନ ପାଲଟିଛି। ପରିବେଶ ନଷ୍ଟ ହେଉଥିବାରୁ ପକ୍ଷୀଙ୍କୁ ସୁରକ୍ଷିତ ବସା ବାନ୍ଧିବାକୁ ସ୍ଥାନ ମିଳୁନାହିଁ। ଜଳଚର ଜୀବ ଡଲଫିନଙ୍କ ସଂଖ୍ୟା କମି ଚାଲିଛି। ସାମୁଦ୍ରିକ ପାଚେରି ଭାବେ ପରିଚିତ ହେନ୍ତାଳବଣ ଅନୁପ୍ରବେଶକାରୀଙ୍କ ପାଇଁ ନଷ୍ଟ ହେଉଛି। ଏଥିଯୋଗୁ ସମୁଦ୍ର ତଟକ୍ଷୟ ବହୁ ପରିମାଣରେ ବଢ଼ିଯାଇଛି। ବିରଳ ଅଲିଭ ରିଡ୍‌ଲେଙ୍କ ସାମୂହିକ ଅଣ୍ଡାଦନ ପାଇଁ ସ୍ଥାନର ଅଭାବ ପଡୁଛି। ଚିଙ୍ଗୁଡ଼ି ଘେରି ଓ ଶିଳ୍ପରୁ ବାହାରୁଥିବା ରାସାୟନିକ ବର୍ଜ୍ୟବସ୍ତୁକୁ ରୋକା ନ ଗଲେ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ସେହିପରି ଆବଶ୍ୟକ ପରିମାଣର ମଧୁର ଜଳ ଆର୍ଦ୍ରଭୂମିରେ ନ ପହଞ୍ଚିଲେ ସମୁଦ୍ରର ଲୁଣା ପାଣି ଏହି ଜୈବମଣ୍ଡଳକୁ ଧ୍ୱଂସ କରିବ ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରେ ହେନ୍ତାଳ ଜାତୀୟ ବନୀକରଣ, ଅନୁପ୍ରବେଶକୁ ରୋକାଯିବା ସହ ଚିଙ୍ଗୁଡ଼ି ଘେରିର ଉଚ୍ଛେଦ ଚାଲିଛି। ବିଭିନ୍ନ ସମୟରେ ହେଉଥିବା କଟକଣା ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କୁ ସୁରକ୍ଷିତ ରଖୁଛି। ତଟକ୍ଷୟର ମୁକାବିଲା ପାଇଁ ସ୍ୱତନ୍ତ୍ର ଅନୁଧାନ ଆବଶ୍ୟକ ବୋଲି ସେ କହିଛନ୍ତି।

## ରୁଜୁ ହେଲା ୯୨ ଜଣଙ୍କ ନାଁରେ ମାମଲା

ନୟାଗଡ଼ ଅଫିସ/ ରଣପୁର,୨୩।୩(ସ୍ୱ.ପ୍ର.)

- ଆଇଆଇସିଙ୍କ ବଦଳି ଦାବି ପ୍ରସଙ୍ଗ
- ରଣପୁରରେ ଉତ୍ତେଜନା, ଏସ୍‌ପିଙ୍କୁ ଫେରାଦ

ବେଆଇନ ଗିରଫଦାରୀର ପ୍ରତିବାଦ ସତ୍ତ୍ୱେ ଚାନ୍ଦପୁର ଥାନା ପୋଲିସ ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ନଂ.୬୬/୨୦ରେ ମାମଲା ରୁଜୁ କରି ଚମ୍ପାଗଡ ଗାଁର ଗଣେଶ୍ୱର ମାନ୍ଧତା ଓ ଓସ୍ତପଡାର ଦୀପକ କୁମାର ରାଉତରାୟଙ୍କୁ ଗିରଫ କରି ଗତ ୧୯ ତାରିଖରେ କୋର୍ଟ ଚାଲାଣ କରିଥିଲା। ଗିରଫଦାରୀକୁ ବେଆଇନ ଦର୍ଶାଇ ଆଇଆଇସିଙ୍କ ବଦଳି ଦାବିରେ ଚାନ୍ଦପୁର ଥାନା ସମ୍ମୁଖରେ ଚମ୍ପାଗଡ ବାସିନ୍ଦା ଧାରଣା ଦେଇଥିଲେ। ଆଇଆଇସିଙ୍କ ବଦଳି ଓ ସୋମବାର ସୁଦ୍ଧା ୨ କୋର୍ଟ ଚାଲାଣକାରୀଙ୍କ କେସ୍ ଡାଏରୀ ଦିଆଯିବାର ପ୍ରତିଶ୍ରୁତି ପରେ ସେଦିନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଚାନ୍ଦପୁର ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଓ ବାରଙ୍ଗଗାଡିଆ ସରପଞ୍ଚ ନିର୍ମଳ କୁମାର ମତ୍ତଗଜସିଂ, ଭାଜପା ଜିଲା ଉପସଭାପତି ପରେଶ କୁମାର ମିଶ୍ର, ଅଭିଷେକ ସାମନ୍ତରାୟଙ୍କ ସମେତ ୪୨ ଜଣଙ୍କ ନାଁରେ ମାମଲା(ନଂ.୪୧/୨୧) ରୁଜୁ ହୋଇଛି। ସେହିପରି ଅନ୍ୟ ୫୦ଜଣଙ୍କ ନାମ ନ ଥାଇ ମଧ ଏତଲାରେ ନାଁ ଅଛି। ଏହି ଘଟଣାକୁ ନେଇ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କ ନେତୃତ୍ୱରେ ୧୫ଜଣିଆ ଟିମ୍ ନୟାଗଡ଼ ଏସ୍‌ପିଙ୍କୁ ଭେଟି ଚାନ୍ଦପୁର ଆଇଆଇସିଙ୍କ ବିରୋଧରେ ଫେରାଦ ହୋଇଛନ୍ତି।

## ଜିଲାରୁ ୪ର୍ଥ ରେଲୱେ ଟିକେଟ୍ ହ୍ୟାକର ଗିରଫ

କେନ୍ଦ୍ରାପଡ଼ା ଅଫିସ/ ପାରାଦୀପ,୨୩।୩(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ରେଲୱେ ଟିକେଟ କାଉଣ୍ଟର ନିକଟରୁ ଜିଲାର ୪ର୍ଥ ହ୍ୟାକରଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସେ ହେଉଛନ୍ତି ଟାଉନ ଥାନା ଦିଲାରପୁରର ସେକ୍ ଆକ୍ରାମ ଖାନ। ଏହା ପୂର୍ବରୁ ୨୦୨୦ ସେପ୍ଟେମ୍ବରରେ ଦୁଇଥର ଆରପିଏଫ୍ (ରେଲୱେ ପ୍ରୋଟେକ୍ସନ ଫୋର୍ସ) ପକ୍ଷରୁ ଚଢ଼ାଉ କରାଯାଇ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଆକ୍ରାମଙ୍କୁ ଅଧିକ ପଚରାଉଚରା ପାଇଁ ପାରାଦୀପସ୍ଥ ଆରପିଏଫ୍ କାର୍ଯ୍ୟାଳୟକୁ ନିଆଯାଇଛି। ଟାଉନ ଥାନା ଏସ୍‌ଆଇ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ କୁହନ୍ତି, ଏକ ଭିନ୍ନ ସଫ୍ଟୱେର ବ୍ୟବହାର କରି ହ୍ୟାକରମାନେ ଟିକେଟକୁ ହ୍ୟାକ କରି ଚଢ଼ା ଦରରେ ଯାତ୍ରୀଙ୍କୁ ବିକୁଛନ୍ତି। ପୂର୍ବରୁ ପାକିସ୍ଥାନର ସଫ୍ଟୱେର ବ୍ୟବହାର ହୋଇଥିଲା। ଆକ୍ରାମଙ୍କ ସମ୍ପର୍କରେ ଆରପିଏଫ୍ ତଦନ୍ତ କରଛି ବୋଲି ଏସ୍‌ଆଇ ବିଶ୍ୱାଳ କହିଛନ୍ତି।

## ପଞ୍ଚାୟତ ଭବନ ପାଇଁ ଉଦ୍ଦିଷ୍ଟ ଜମି ଜବରଦଖଲ

ରାଜନଗର, ୨୩।୩(ଡି.ଏନ.ଏ.)


ସରକାରୀ ଜମିରେ ମାଟି ପକାଇ ଜବରଦଖଲ କରାଯାଉଛି।

ରାଜନଗର ପଞ୍ଚାୟତ ଭବନ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ସରକାରୀ ଜମିକୁ ଜବରଦଖଲ କରାଯାଉଛି। ଦୁଇଦିନ ହେଲା ରାତିରେ ଉକ୍ତ ଜମିରେ ଜେସିବି ଓ ଟ୍ରାକ୍ଟର ଲଗାଇ ମାଟି ପକା ଯାଉଛି। ଏହାକୁ ନେଇ ରାଜନଗର ଗ୍ରାମବାସୀ ଓ ଗଣପତି ପୂଜା କମିଟି ପକ୍ଷରୁ ପୃଥକ ଭାବେ ଦୁଇଟି ଅଭିଯୋଗ ମଙ୍ଗଳବାର ତହସିଲଦାରଙ୍କୁ କରାଯାଇଛି। ରାଜନଗର ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା କେଶବ ଚନ୍ଦ୍ର ସାହୁ, ରବୀନ୍ଦ୍ର ଦଳାଇ, ତାପସ ପରିଡା, ଦଶରଥ ବାରିକ, ବୃନ୍ଦାବନ ମଲିକ, ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ ଶତାଧିକ ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ରାଜନଗର ମୌଜାର କୃଷି ଅଫିସ ପାଖରେ ୯୫୭ ପ୍ଲଟକୁ ପଞ୍ଚାୟତ ଭବନ ପାଇଁ ବର୍ଷକ ତଳୁ ନିଷ୍ପତ୍ତି ହୋଇଛି। ଏପରିକି ତହସିଲ ପକ୍ଷରୁ ସମ୍ପୃକ୍ତ ପ୍ଲଟକୁ ଟ୍ରେସ ମ୍ୟାପ କରାଯାଇ ପଞ୍ଚାୟତକୁ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଉକ୍ତ ଜମି ଉପରେ ଜଣେ ବ୍ୟକ୍ତି ମାଟି ପକାଇ ଜବରଦଖଲ କରୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଭୋଳାନାଥ ସେଠୀଙ୍କୁ କୁହନ୍ତି, ଜେସିବି ରାତିରେ ମାଟି ପକାଉଛି, ଆମେ କ’ଣ ରାତିରେ ଜଗିବୁ ବୋଲି ପାଲଟା ପ୍ରଶ୍ନ ସେ କରିଛନ୍ତି।

## ଆଇନ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ ୨୩।୩(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ଆମ୍ବେର କେସି ରାଜଭଞ୍ଜ ହାଇସ୍କୁଲଠାରେ ମଙ୍ଗଳବାର ପଟ୍ଟମୁଣ୍ଡାଇ କୋର୍ଟ ତାଲୁକା ଆଇନ ସେବା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କିଶୋର କୁମାର ନାଥ ଅଧ୍ୟକ୍ଷତା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ଆକ୍ରୋଶମୂଳକ ଭାବେ ନିର୍ଯ୍ୟାତନା ଦେବା ଆଇନ ସମ୍ମତ ନୁହେଁ। ଏହାସହ ସେମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସହାୟତା ନେବାକୁ ମାଜିଷ୍ଟ୍ରେଟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ପ୍ରଫୁଲ୍ଲ କୁମାର ଦାସ, କ୍ଷୀରୋଦ ମଲିକ, ସିଆରସିସି ମଳୟ କୁମାର ଜେନା, ଆଇନଜୀବୀ ଭବାନୀଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ମିହିର କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ନାଟ୍ୟ ଉତ୍ସବ ଉଦ୍‌ଘାଟିତ


ନାଟ୍ୟ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୨୩।୩

ସହରର ଗଣାମାହାଲସ୍ଥିତ ବନ ବିହାରୀ ମନ୍ଦିର ପରିସରରେ ତୁଳସୀ କଲଚରାଲ ଆସୋସିଏଶନର ଦୁଇ ଦିନିଆ ନାଟ୍ୟ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଥାକାର ରାମଚନ୍ଦ୍ର ବେହେରା ଉଦ୍‌ଘାଟନ କରିଛନ୍ତି। ଏଥିରେ ଆସୋସିଏଶନର ମନୋଜ ନାୟକ, ଶାନ୍ତନୁ ମଲ୍ଲିକ, ଭୁବନମୋହନ ଜେନା, ସୁଶୀଲ କୁମାର ସାମଲ, ରବୀନ୍ଦ୍ରନାଥ ରଥ, ସରୋଜ କୁମାର ମହାନ୍ତି ଯୋଗଦେଇଥିଲେ। ଏକ ବାସ୍ତବଧର୍ମୀ ନାଟକ ଜୀବନର ପ୍ରକୃତ ଅର୍ଥକୁ ସମାଜ ସମ୍ମୁଖରେ ଥୋଇଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ସନ୍ଧ୍ୟାରେ ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶନାରେ କଥାକାର ବେହେରାଙ୍କ ନାଟକ ‘ଅସ୍ଥାୟୀ ଠିକଣା’ ମଞ୍ଚସ୍ଥ ହୋଇଥିଲା। ଏହାକୁ ଉମାକାନ୍ତ ଜେନା, ଗଗନ ରାଉତ, ଅଶୋକ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମୃତ ତୁଳସୀଙ୍କ ଖାଉଟି ସାମଗ୍ରୀ ହଡପ ଘଟଣା
## ୨ ରିଟେଲରଙ୍କ ଲାଇସେନ୍ସ ବାତିଲ

ଜଗତ୍‌ସିଂହପୁର ଅଫିସ/ ନାଉଗାଁ, ୨୩।୩(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ସଠଳପୁର ଗାଁର ସ୍ୱର୍ଗତା ତୁଳସୀ ରାଉତଙ୍କ ଖାଉଟି ସାମଗ୍ରୀ ହଡ଼ପ ଅଭିଯୋଗ ଘଟଣା ରୋଚକ ସ୍ଥିତିରେ ପହଞ୍ଚିଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ରିଟେଲ ଦାୟିତ୍ୱରେ ଥିବା ବେଲବଣ ମହିଳା ସ୍ୱୟଂ ସହାୟିକା ଦଳ ଓ ଡିଲର ପ୍ରତାପ ବେହେରାଙ୍କ ପିଡିଏସ୍ ରିଟେଲ ଲାଇସେନ୍ସ ବାତିଲ କରି ଦିଆଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨୨ ତାରିଖରେ କରାଯାଇଥିବା ନିର୍ଦ୍ଦେଶ ସଂଖ୍ୟା ନଂ.୭୭ ଓ ୮୧ ଅନୁଯାୟୀ, ୨।୨।୨୧ରେ ରାଶନ ଦୁର୍ନୀତି ଅଭିଯୋଗ ଉପରେ ସ୍ୱୟଂ ସହାୟକ ଦଳ ସଭାପତି ଓ ଡିଲର ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ସେମାନଙ୍କ ଉତ୍ତର ସନ୍ତୋଷଜନକ ନ ଥିଲା। ତେଣୁ ଯୋଗାଣ ବିଭାଗର ୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ସ୍କ୍ୱାଡ୍‌ର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାର ନକଲ ନାଉଗାଁ ବିଡିଓ, ଯୋଗାଣ ନିରୀକ୍ଷକଙ୍କୁ ଅବଗତ ନିମନ୍ତେ ପଠାଯାଇଛି। ବେଲବଣ ଏସ୍‌ଏଚଜିର ସଭାପତି ଓ ଡିଲର ବେହେରାଙ୍କ ମାସିକିଆ କୋଟା ପାଖ ଡିଲର ସହ ସଂଯୋଗ କରାଯାଥିଲା। ସେମାନଙ୍କୁ ଦିଆଯାଇଥିବା ଇ-ପସ୍ ଡିଭାଇସ୍ ମଧ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱର୍ଗତ ତୁଳସୀଙ୍କ ଖାଉଟି ସାମଗ୍ରୀ ହଡ଼ପ ଓ ତତ୍କାଳିନ ଭାରପ୍ରାପ୍ତ ବିଡିଓ ଜେ. କଳ୍ପନାଙ୍କ ଦସ୍ତଖତ ଜାଲିଆତି ଅଭିଯୋଗ ଉପରେ ଗତ ୧୭ରେ ନାଉଗାଁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଡିଓ ରଶ୍ମିରେଖା ମଲ୍ଲିକଙ୍କ କାର୍ଯ୍ୟାଳୟରେ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୨୦୧୮ରେ ତୁଳସୀଙ୍କ ମୃତ୍ୟୁ ପରେ ବର୍ଷାଧିକ କାଳ ତାଙ୍କ କାର୍ଡରେ ସାମଗ୍ରୀ ଉଠି ଚାଲିଥିଲା। ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟ ସହାୟତା ମଧ ହଡ଼ପ ହେଉଥିଲା। ସୂଚନା ଅଧିକାର ଆଇନବଳରେ ଏ ସମ୍ପର୍କିତ ତଥ୍ୟ ମିଳିଲା ପରେ ସମ୍ପୃକ୍ତ ଡିଲରମାନେ ନିଜକୁ ବଞ୍ଚାଇବାକୁ ଯାଇ ସ୍ୱର୍ଗତା ତୁଳସୀଙ୍କ ନାମ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ କରିବାକୁ ଚେଷ୍ଟା କରିଥିଲେ। ସେମାନେ ତତ୍କାଳୀନ ଭାରପ୍ରାପ୍ତ ବିଡିଓ ଜେ. କଳ୍ପନାଙ୍କ ଦସ୍ତଖତକୁ ଜାଲିଆତି କରି ଏସମ୍ପର୍କରେ ପୂର୍ବରୁ ତାଙ୍କୁ ଅବଗତ କରାଯାଇଥିବା କାଗଜପତ୍ରରେ ଦର୍ଶାଇଥିଲେ। ତତ୍କାଳୀନ ବିଡିଓ କଳ୍ପନା ଏହାକୁ ଖଣ୍ଡନ କରିବା ସହ ଦସ୍ତଖତକୁ ନକଲି ବୋଲି କହିଥିଲେ।

## ନିଆଁଲାଗି ୪ ବଖରା ଭସ୍ମୀଭୂତ

ପଟ୍ଟାମୁଣ୍ଡାଇ ୨୩।୩(ସ୍ୱ.ପ୍ର.)

ପଟ୍ଟମୁଣ୍ଡାଇ ତହସିଲ କେସପୁର ପଞ୍ଚାୟତ ଅରୁଆ ଗାଁର ରାଖାଲ ନନ୍ଦୀ ଓ ବିଜୟ ବୁଇଁଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗି ୪ ବଖରା ପୋଡିଯାଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ତହସିଲଦାର ଓ ଆରଆଇ ଅଗ୍ନିକାଣ୍ଡ ସ୍ଥାନରେ ପହଞ୍ଚି ଘଟଣାର ଅନୁଧାନ କରିଥିଲେ। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି।

## ସବ୍‌ସିଡି ପମ୍ପସେଟ୍ ଯୋଗାଇ ଦେବାକୁ ଦାବି

ରାଜନଗର, ୨୩।୩ (ଡି.ଏନ.ଏ.)

ଅଣଜଳସେଚିତ ରାଜନଗର ବ୍ଲକ ପାଇଁ ଟାର୍ଗେଟ ନ ଥିବାରୁ ଚାଷୀଙ୍କ ପକ୍ଷରୁ ରିହାତି ଦରରେ ପମ୍ପସେଟ୍ ମିଳୁନି ବୋଲି ଅଭିଯୋଗ ହୋଇଛି। ବ୍ଲକର ୩ ଶହରୁ ଊର୍ଦ୍ଧ୍ୱ ଚାଷୀ ଜମିକୁ ପାଣି ମଡାଇବାକୁ ପମ୍ପସେଟ୍ ନିମନ୍ତେ ଆବେଦନ କରିଥିଲେ ହେଁ ମିଳିନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପମ୍ପସେଟ୍ ଯୋଗାଇଦେବାକୁ ଦାବି ହୋଇଛି। ବ୍ଲକ ଅଞ୍ଚଳରେ ଚାଷୀ ଖରିଫ ରବି ଋତୁରେ ଚାଷ କରି ସ୍ୱାବଲମ୍ବୀ ହେବା ନିମନ୍ତେ ପମ୍ପସେଟ୍ ଆବଶ୍ୟକ କରୁଛନ୍ତି। ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଠିକ୍ ନ ଥିବାରୁ ସେମାନଙ୍କୁ ସରକାରୀ ରିହାତିରେ ମଧ ଯୋଗା ଯାଉନାହିଁ। ଏପରି କି ଆବେଦନ କରିବା ପରେ ପମ୍ପସେଟ୍ ପାଇଁ ସରକାରୀ କାର୍ଯ୍ୟାଳୟ ଓ ଡିଲରଙ୍କ ପାଖକୁ ଚାଷୀ ମାସ ମାସ ଦୌଡି ନୟାନ୍ତ ହେଉଛନ୍ତି। ଏ ନେଇ ଶତାଧିକ ଚାଷୀ କୃଷିମନ୍ତ୍ରୀ, ରାଜନଗର ବିଧାୟକ, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ବ୍ଲକର ଦଶରଥ ରାଉତ, ରଞ୍ଜନ କୁମାର ସାହୁ, ବିଶ୍ୱଭୂଷଣ ରାଉତ, କାଞ୍ଚନବାଳା ପ୍ରଧାନ, କୈଳାସ ଦାସ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଶତାଧିକ ଚାଷୀ ସେମାନଙ୍କୁ ପମ୍ପସେଟ୍ ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣାଙ୍କୁ ପଚାରିବାରେ ସରକାର ଯେତିକି ପରିମାଣର ପମ୍ପସେଟ୍ ଆମକୁ ଯୋଗାଉଛନ୍ତି, ସେହି ଅନୁସାରେ ସବୁ ବ୍ଲକକୁ ବଣ୍ଟାଯାଉଛି ବୋଲି ସେ କହିଛନ୍ତି।

## ବଳିଦାନ ଦିବସରେ ଶହୀଦ୍ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି


ବଳିଦାନ ଦିବସ ସଭାରେ ମଞ୍ଚାସୀନ ଅତିଥିମାନେ।

ଦଶପଲ୍ଲା,୨୩।୩(ଡି.ଏନ.ଏ.)

ମଙ୍ଗଳବାର ସ୍ଥାନୀୟ ଇଲେଭେନ ଷ୍ଟାର ସ୍ପୋର୍ଟିଂ କ୍ଲବ୍‌ଠାରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ୍ (ଡିୱାଇଏଫ୍‌ଆଇ) ଦଶପଲ୍ଲା ବ୍ଲକ କମିଟି ପକ୍ଷରୁ ଶହୀଦ୍ ଭଗତ ସିଂଙ୍କ ୯୦ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଶହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ କମିଟି ସଭାପତି ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ସିପିଆଇ(ଏମ)ର ନୟାଗଡ଼ ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ସାମାଜିକ କର୍ମୀ ପ୍ରଭାତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ। ବ୍ଲକ୍ କମିଟି ସମ୍ପାଦକ ବିପିନ୍ କୁମାର ବଜ୍ରୁ, ଶ୍ରୀନିବାସ ନାଏକ ଓ ପ୍ରଦୀପ ନାୟକ ପ୍ରମୁଖ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜଙ୍ଗଲରେ ସ୍ଥାୟୀ ରାସ୍ତା ନିର୍ମାଣକୁ ବିରୋଧ

ନୟାଗଡ଼ ଅଫିସ,୨୩।୩

- କାମ ବନ୍ଦ କରାଇଲେ ଗୁଡୁପାଙ୍ଗୀ ବାସିନ୍ଦା
- ପୁଣି ବଢ଼ିପାରେ ୧ ବନାମ ୧୭ଗାଁ ବିବାଦ

ଜଙ୍ଗଲରେ ରାସ୍ତା ନିର୍ମାଣକୁ ନେଇ ୧ ବନାମ ୧୭ ଗାଁ ମଧରେ ସାଢ଼େ ୩ ବର୍ଷ ତଳୁ ଲାଗି ରହିଥିବା ବିବାଦ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଫେବୃୟାରୀ ୬ରେ ସମାଧାନ ହୋଇଥିଲା। ଜଙ୍ଗଲରେ ପୂର୍ବପରି ପାଦଚଲା ରାସ୍ତା ଫିଟିଥିଲା। ଏବେ ସେହି ପାଦଚଲା ରାସ୍ତାକୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାୟୀ ସଡ଼କ ନିର୍ମାଣ ଆରମ୍ଭ ହୋଇଛି। ଗୁଡୁପାଙ୍ଗୀ ଗାଁ ଲୋକ ଜଙ୍ଗଲରେ ସ୍ଥାୟୀ ରାସ୍ତା ନିର୍ମାଣକୁ ବିରୋଧ କରି କାମ ବନ୍ଦ କରାଇଛନ୍ତି। ଜଙ୍ଗଲରେ ସ୍ଥାୟୀ ରାସ୍ତା କାମ ନ କରିବାକୁ ଗୁଡୁପାଙ୍ଗୀ ଗ୍ରାମବାସୀ ନୂଆଗାଁ ବିଡିଓ ଓ ଜିଲାପାଳଙ୍କୁ ଅବଗତ କରାଇଛନ୍ତି।

ସୂଚନାଯୋଗ୍ୟ, ଜଙ୍ଗଲରେ ରାସ୍ତା ବନ୍ଦ କରିବା ଓ ରାସ୍ତା କରିବା ପରି ଦାବି ନେଇ ମାଳିସାହି, ଢ଼େଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ୧ ବନାମ ୧୭ ଖଣ୍ଡ ଗାଁ ଲୋକଙ୍କ ମଧରେ ଲାଗି ରହିଥିବା ବିବାଦ ଗତ ଫେବୃୟାରୀ ପ୍ରଥମ ସପ୍ତାହରେ ଉଗ୍ରରୂପ ନେଇଥିଲା। ସେହି ମାସ ୪ ତାରିଖ ରାତିରେ ଗୁଡୁପାଙ୍ଗୀ ଦେଉଳି ରାସ୍ତାର ଦେଉଳିଠାରେ ଗଛ, ପଥର ପକାଇ ରାସ୍ତା ଅବରୋଧ କରାଯାଇଥିଲା। ଫେବୃୟାରୀ ୫ରେ ଠେଙ୍ଗା ଓ ଧନୁତୀର ଧରି ୧୭ଖଣ୍ଡ ଗାଁ ଲୋକେ ରାସ୍ତାରେ ଜଗି ରହିଥିଲେ। ଫଳରେ ଗୁଡୁପାଙ୍ଗୀ ଗ୍ରାମବାସୀ ବାହାରକୁ ବାହାରି ପାରି ନ ଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ଘଟଣାସ୍ଥଳକୁ ନୟାଗଡ଼ ଉପଜିଲାପାଳ, ନୟାଗଡ଼ ଡିଏଫ୍‌ଓ, ନୂଆଗାଁ ତହସିଲଦାର ଯାଇ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଫେବୃୟାରୀ ୬ରେ ଜିଲାପାଳଙ୍କ ଅଧକ୍ଷତାରେ ବୈଠକ ବସି ଏହି ବିବାଦର ସମାଧାନ କରାଯାଇଥିଲା।

ଗୁଡୁପାଙ୍ଗୀ ଗାଁ ସଭାପତି ଅର୍ଜୁନ ନାୟକଙ୍କ ସୂଚନା ଅନୁସାରେ ନୂଆଗାଁ ବ୍ଲକ ଢ଼େଙ୍କେଣା ପଞ୍ଚାୟତର ବଳଭଦ୍ରପୁର ଓ ମାଳିସାହି ପଞ୍ଚାୟତର ଢ଼ିପାମାଳକୁ ପାଦଚଲା ରାସ୍ତା ରହିଛି। ଏହି ୪ କିମି ପାଦଚଲା ରାସ୍ତାରୁ ୨କିମି ଗୁଡୁପାଙ୍ଗୀ ଗାଁ ଲୋକେ ଜଗିଥିବା ଜଙ୍ଗଲ ମଧ ଦେଇ ଯାଉଛି। ଜଙ୍ଗଲରେ ପାଦଚଲା ରାସ୍ତା ରହିଲେ ଆପତ୍ତି ନାହିଁ। ଆମେ ଫେବୃୟାରୀ ୬ରେ ଜିଲାପାଳଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ପାଦଚଲା ରାସ୍ତା ଛାଡିଥିଲୁ। ଏବେ ସ୍ଥାୟୀ ରାସ୍ତା ନିର୍ମାଣ ଯୋଗୁ ପୁଣିଥରେ ଗାଁ ଲୋକେ ବିରୋଧ କରୁଛନ୍ତି। ପାଳି କରି ଆମେ ଆମ ଗାଁର ଦଧିନଉତି ଜଙ୍ଗଲକୁ ୧୯୮୨ରୁ ସୁରକ୍ଷା ଦେଇ ଆସିଛୁ। ଜଙ୍ଗଲରେ ନୂଆ ଗଛ ଲଗାଉଛୁ। ସେଠାରେ ବନ୍ୟଜନ୍ତୁ ବଢ଼ୁଛନ୍ତି। କିନ୍ତୁ ଜଙ୍ଗଲରେ ସ୍ଥାୟୀ ରାସ୍ତା କରାଗଲେ ପ୍ରାୟ ୨କିମି ଜଙ୍ଗଲ ଉଜୁଡିବ। କାଠଚୋର ଓ ଦେଶୀ ମଦ ବେପାରୀଙ୍କୁ ଜଙ୍ଗଲ ଲୁଟିବାକୁ ସୁବିଧା ହେବ। ଜଙ୍ଗଲ ସୁରକ୍ଷା ଆମେ ଦେଉଛୁ ସତ ହେଲେ ଏହାର ସୁଫଳ ସମସ୍ତେ ପାଇବେ। କାରଣ ଜଙ୍ଗଲ ସମସ୍ତଙ୍କ ପାଇଁ ନିହାତି ଦରକାର। କେତେଜଣ ଲୋକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଆମେ ବହୁ କଷ୍ଟରେ ନିଆଁ ଲିଭାଉଛୁ। ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ କେବଳ ପାଦଚଲା ରାସ୍ତା ରଖିବାକୁ ଗାଁ ଲୋକ ଦାବି କରିଛନ୍ତି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ମାର୍ଚ୍ଚ, ୨୦୨୧

## ବେଆଇନ କେବଲ କାରବାର କରି ଜଣେ ଅଟକ

**ଧର୍ମଶାଳା,(ଡି.ଏନ.ଏ.):** ବେଆଇନ କେବଲ କାରବାର ଅଭିଯୋଗରେ ଜେନାପୁର ପୋଲିସ ଜଣଙ୍କୁ ଅଟକ ରଖିଛି। ଏଥିସହିତ ୧୪ ସେଟଅପ ବକ୍ସ, ୧୦ ମଡୋରେଟର, ଗୋଟିଏ କଂଟ୍ରିବ୍ୟୁଟର, ଗୋଟିଏ ଟ୍ରାନଜିଷ୍ଟର, ୮ ପାୱାର ଆଡପଟର, ୩ଟି ଅଡିଓଭିଡିଓ କେବଲ ଜବତ ହୋଇଛି। କଲାଣ୍ଡ ମାଳହାଟ ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ଦୀର୍ଘ ଦିନ ହେବ ଏହି ବେଆଇନ କାରବାରେ ଚଳାଇ ଆସୁଥିଲେ। କୌଣସି ଅନୁମତି କିମ୍ବା ଚୁକ୍ତି ନ ଥାଇ ସେ କେବଲ ସଂସ୍ଥା ଚଳାଇ ଲୋକଙ୍କୁ ଲୁଟୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଥାନା ଅଧିକାରୀ ଆଶିଷ କୁମାର ସାହୁ କେବଲ କାର୍ଯ୍ୟାଳୟରେ ପହଞ୍ଚି ସିଲ କରିଥିଲେ। ଏନେଇ ଥାନାରେ ୭୮।୨୧ରେ ମାମଲା ରୁଜୁ ହୋଇଛି।



## ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା
- ବନବିହାରୀ ମହାପୁରୁଷ ବିଶ୍ୱଶାନ୍ତି ମହାଯଜ୍ଞ, ଅମୃତମଣୋହୀ ପାଟଣା, କେନ୍ଦ୍ରପଡା, ସନ୍ଧ୍ୟା ୭ଟା।

କଣ୍ଟିଲୋ
- ଶୀତଳେଇ ଠାକୁରାଣୀଙ୍କ ତୃତୀୟ ବାର୍ଷିକୋତ୍ସବ, ସ୍ଥାନ–ମଝିସାହି ପାଟଣା, ସମୟ– ସକାଳ ୧୦ଟା।

## ସଂକ୍ଷେପରେ

### ପ୍ରଧାନ ଶିକ୍ଷକଙ୍କ ନାଁରେ ଅର୍ଥ ହଡ଼ପ ଘଟଣାର ତଦନ୍ତ

**ବିଞ୍ଝାରପୁର,୨୩।୩(ଡି.ଏନ.ଏ.):** ବିଞ୍ଝାରପୁର ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ରତ୍ନାକର ମଲିକଙ୍କ ବିରୋଧରେ ହୋଇଥିବା ଅର୍ଥ ହଡ଼ପ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବିଞ୍ଝାରପୁର ବିଇଓ ଏମ୍‌ଡି ହୁମାୟୁନଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାରେ ଏବିଇଓ ପ୍ରଫୁଲ୍ଲ କୁମାର ଦାଶ, ବିଇଓ କାର୍ଯ୍ୟାଳୟର ହିସାବ ରକ୍ଷକ ପ୍ରତାପ କୁମାର ପଣ୍ଡା, ସିଆର୍‌ସିସି ସରୋଜକାନ୍ତ ନାୟକ, ସିଆରସିସି ସେକ ହବିବୁଲ ମୋଇନ ପ୍ରମୁଖଙ୍କ ଏକ ଟିମ୍ ହାଇସ୍କୁଲରେ ପହଞ୍ଚି ବିଭିନ୍ନ ନଥିପତ୍ର ଯାଞ୍ଚକରି ଫେରିଛନ୍ତି। ଏସମ୍ପର୍କରେ ଏବିଇଓ ଦାଶଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଗଠନ କରାଯାଇଥିବା ନଥିପତ୍ରରେ ତ୍ରୁଟିଥିବା କହିଛନ୍ତି। ବିଇଓ ହୁମାୟୁନଙ୍କୁ ପଚାରିବାରୁ ତଦନ୍ତ ହୋଇଛି। ଏହା ଡିପିସିଙ୍କ ନିକଟକୁ ପଠାଯିବ। ସେଠାରୁ ରିପୋର୍ଟ ଆସିଲା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

**ଖଣ୍ଡପଡା,୨୩।୩(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ ଗୋଚ୍ଛାବାରୀ ଗ୍ରାମର ବିଜ୍ଞେନ ଦାସଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୫୦୦ ଟଙ୍କା ଗତ ମାର୍ଚ୍ଚ ୧୨ ତାରିଖରେ ଗାଏବ ହୋଇଯାଇଛି। ସେ ସଂକ୍ରାନ୍ତରେ ସେ ନୟାଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ପାଟିରେ ପିସ୍ତଲ ଭର୍ତ୍ତି କରି ଧମକ: ଥାନାରେ ମାମଲା

**ଜଗତ୍‌ସିଂହପୁର ଅଫିସ,୨୩।୩:** ଜଗତ୍‌ସିଂହପୁର ଥାନା କାଦୁଆପଡ଼ା ବଜାରରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ହାଡୁ ସେଠୀ ଓ ପ୍ରସନ୍ନ ସାମଲ ନାମକ ୨ ଟ୍ରାକ୍ଟର ଚାଳକଙ୍କୁ କାଦୁଆପଡ଼ାର ରାକେଶ ରାଉତ ପିସ୍ତଲ ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ଟ୍ରାକ୍ଟର ମାଲିକ ଦାଦପୁରର ସୁକାନ୍ତ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା( ନଂ.୨୧୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଟ୍ରାକ୍ଟର ଚାଳକଦ୍ୱୟ ଦହି କିଣିବା ପାଇଁ ଡିଅସାହି ବଜାରକୁ ଯାଇଥିଲେ। ଏହି ସମୟରେ ରାକେଶ ହାଡୁଙ୍କ ପାଟିରେ ପିସ୍ତଲ ପୂରାଇ ୧୦ ବୋତଲ ବିୟର ଅବା ୫ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ହାଡୁ ଜୀବନ ବିକଳରେ ପାଟି କରିବାରୁ ରାକେଶ ପଳାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଆଲୋଚନାଚକ୍ର

**ବଡ଼ଚଣା,୨୩।୩(ଡି.ଏନ.ଏ.):** ଛତିଆସ୍ଥିତ ହସ୍ତଶିଳ୍ପ ପ୍ରଦର୍ଶନୀ ପଡ଼ିଆରେ ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଆଲୋଚନାଚକ୍ର ଯୁବ ସାମାଜିକ କର୍ମୀ ଗିରିଶ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ଚଣା ବ୍ଲକ ଅଧକ୍ଷ ଭାଗ୍ୟଧର ମଲିକ, ମୁଖ୍ୟବକ୍ତା ମାଧବାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି, ସରପଞ୍ଚ ନୟନା ବେହେରା, ଶିଳ୍ପୀ ମହେଶ୍ୱର ଓଝାଁ, ସୁରେଶ ଗୁଇଁ, ସରୋଜ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଆଗମନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ କରି ଗାନ୍ଧୀ ବଡ଼ଚଣାର ବୈରୀ ରେଲୱେ ଷ୍ଟେଶନରେ ୧୯୩୪ ମେ' ୨୧ରେ ଓହ୍ଲାଇ ପଦଯାତ୍ରାରେ ଚମ୍ପାପୁର ଯାଇ ସେଠାରେ ରାତ୍ରି ଯାପନ କରିବା, ଅସ୍ପୃଶ୍ୟତା ଉପରେ ପଦକ୍ଷେପ ନେବା ଏବଂ ଖଦି ଖାଇ କାଟି ପିନ୍ଧିବା ଉପରେ ତାଙ୍କର ଯେଉଁ ଗୁରୁତ୍ୱ ରହିଥିଲା ସେ ସମ୍ପର୍କରେ ଅତିଥି କହିଥିଲେ। ସରୋଜ ସିଂ, ଦୀପକ ସାହୁ, ଅମ୍ବିକା ପ୍ରସାଦ ମହାନ୍ତି, ବିପିନ ବିଶ୍ୱାଳ, କୈଳାସ ରାଉତ, ସର୍ବେଶ୍ୱର ରାହୁଳ ପ୍ରମୁଖ ଉପସ୍ଥିତ ଥିଲେ। ସକାଳେ ବୈରୀ ସ୍ଥିତ ପ୍ରତିମୂର୍ତ୍ତି ଓ ଚମ୍ପାପୁର ହାଟରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପ୍ରଣ କରାଯାଇଥିଲା।

# ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଚିନ୍ତା

**ଯାଜପୁର ଅଫିସ,୨୩।୩**



ଦଳା ଛକରେ ଗହଳି ହୋଇଛି।

- ଭାରିଯାନ ଚଳାଚଳ ଉପରେ କଟକଣା ଶୂନ
- ନିଦାବିଷ୍ଟୁ ସାଜିଛି ପୋଲିସ
- ପରିଣାମ ଭୋଗୁଛନ୍ତି ସହରବାସୀ

ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ରୂପରେଖ ବଦଳିବାରେ ଲାଗିଛି। ହେଲେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସହର ଭିତରକୁ ଭାରିଯାନ ପ୍ରବେଶରେ କଟକଣା ନାହିଁ। ଫିଟନେସ ନ ଥିବା ଗାଡ଼ି ଚଳାଚଳ କରୁଛି। ହେଲେ ଏ ସଂକ୍ରାନ୍ତରେ ଟ୍ରାଫିକ ପୋଲିସ ଓ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି। ପ୍ରଶାସନ ପକ୍ଷରୁ ଆବଶ୍ୟକ ଯୋଜନା ହେଉ ନ ଥିବାରୁ ଏହାର ପରିଣାମ ସହରବାସୀଙ୍କ ସହ ବାହାରୁ ଆସୁଥିବା ଲୋକଙ୍କୁ ଭୋଗିବାକୁ ପଡୁଛି। ସହରବାସୀଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ବାରମ୍ବାର ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳି ପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ନବେ ଦଶକ ପରେ ବ୍ୟାସନଗରରେ ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହୋଇଥିଲା। ସେଦିନଠାରୁ ଏହି ସହରର ନବକଳେବର ବୃଦ୍ଧି ପାଇଥିଲା। ୧୯୯୪ରେ ୨୬ ୱାର୍ଡକୁ ନେଇ ବ୍ୟାସନଗର ପୌରପରିଷଦ ଗଠିତ ହୋଇଥିଲା। ଏହାପରେ କଳିଙ୍ଗନଗରରେ ବିଭିନ୍ନ ଶିଳ୍ପ କାରଖାନା ଗଢି ଉଠିଥିଲା। ଏହାବାଦ୍ ଏକାଧିକ ଖଣି କମ୍ପାନୀ ଜିଲାର କାଳିଆପାଣି ଅଞ୍ଚଳରେ ଲୁହାପଥର ଉତ୍ତୋଳନ କରୁଛନ୍ତି। ଏହାଦ୍ୱାରା ଲୋକସଂଖ୍ୟା ସହ ଭାରିଯାନ ଚଳାଚଳ ହୁହୁ ହୋଇ ବଢିଚାଲିଛି। ଏବେ ସହରର ଲୋକସଂଖ୍ୟା ପ୍ରାୟ ଦେଢଲକ୍ଷ ଟପିଲାଣି। କ୍ରମଶଃ ଶ୍ରମ ଉପନିର୍ଦ୍ଦେଶାଳୟ, ଷ୍ଟେଟବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ, ଜିଲା ଶ୍ରମ ଅଧିକାରୀ, ଖଣି ଉପନିର୍ଦ୍ଦେଶକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଓଏମ୍‌ସି, ଇଡ୍‌କୋ ଆଦି ଅଫିସ ଖୋଲିଛି। ଏହି ଅଫିସଗୁଡ଼ିକ ଉପରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଲୋକେ ନିର୍ଭର କରୁଛନ୍ତି। ଏହା ସହ ଯାଜପୁର–କେନ୍ଦୁଝରରୋଡ ରେଲୱେ ଷ୍ଟେଶନ, ବ୍ୟାସସରୋବର ପର୍ଯ୍ୟଟନସ୍ଥଳୀ ସମସ୍ତଙ୍କୁ ଆକୃଷ୍ଟ କରିଛି। କାର୍ଯ୍ୟଦିବସରେ ପ୍ରାୟ ଶତାଧିକ ଲୋକ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ଏଠାକୁ ଆସିଥାନ୍ତି। ପ୍ରତ୍ୟହ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଭାରିଯାନ ସହର ଦେଇ ଯାତାୟାତ କରିଥାଏ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମୟ ନିର୍ଘଣ୍ଟ କରାଯାଇଛି। ସକାଳ ୮ଟାରୁ ୧ଟା ପର୍ଯ୍ୟନ୍ତ ମାଲ ପରିବହନ ଗାଡ଼ି ସହର ମଧ୍ୟ ଦେଇ ଯାଇପାରିବ ନାହିଁ। ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳକୁ ଅନୁମତି ଦିଆଯାଇଛି। ଅପରାହ୍ନ ୩ଟାରୁ ରାତି ୯ଟା ପର୍ଯ୍ୟନ୍ତ ମାଲ ପରିବହନ ଗାଡ଼ି ଚଳାଚଳ ବନ୍ଦ ରହିବ। ଏହାପରେ ରାତିରେ ଗାଡ଼ି ଚଳାଚଳ କରିପାରିବ। ଏହାକୁ ନିୟନ୍ତ୍ରଣ କରିବାକୁ ସହରର ସମସ୍ତ ଛକରେ ପୋଲିସ ମୁତୟନ କରାଯାଇଛି। କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ହାତଗୁଞ୍ଜା ନେଇ ଅସମୟରେ ଭାରିଯାନ ଚଳାଚଳକୁ ଅନୁମତି ଦେଉଥିବା ଅଭିଯୋଗ ହୋଇଛି।

ରେଲୱେ ମାଲଗୋଦାମଠାରୁ ଦଳାଛକ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ ସମସ୍ୟା ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ମଧ୍ୟାହ୍ନରେ ଟ୍ରାଫିକ୍ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ଏପରି କି ଆମ୍ବୁଲାନ୍ସ ବି ସେହି ଭିଡ଼ରେ ଫସି ରହୁଥିବା ଦେଖିବାକୁ ମିଳୁଛି। ତାରିଣୀ ମାର୍କେଟଠାରେ ଥିବା ମାଲଗୋଦାମକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାରମ୍ବାର ଦାବି, ଆନ୍ଦୋଳନ ହେଉଛି। ହେଲେ ରେଲୱେ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷେ ଟ୍ରାଫିକ ସମସ୍ୟାର ସୁଧାର ଲାଗି ପୋଲିସର ଆନ୍ତରିକତା ନ ଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସହରରେ କୌଣସି କଟକଣାକୁ କେହି ମାନୁ ନାହାନ୍ତି। ପୋଲିସ ପ୍ରଶାସନ ମଧ୍ୟ ତାଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଉ ନାହାନ୍ତି। ଏଥିପାଇଁ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାସନଗର ପୌରାଞ୍ଚଳକୁ ମ୍ୟାନ୍ ପାୱାର ପାଇଁ ଆବେଦନ କଲେ ପୋଲିସକୁ ସହଯୋଗ କରାଯିବ। ଭାରିଯାନ ଚଳାଚଳ ଏନ୍‌ଏଚ୍ ଦେଇ ହେଲେ ଟ୍ରାଫିକ ସମସ୍ୟା ଦୂରୀଭୂତ ହୋଇପାରିବ। ଏପ୍ରିଲ ୧ରୁ ଏହି ସମସ୍ୟା ସମାଧାନ ହେବାର ଆଶା ରହିଛି।

## ଧାନ ବୋଝେଇ ଟ୍ରାକ୍ଟର ଓଲଟି ନବାଳକଙ୍କ ମୃତ୍ୟୁ

**ଧର୍ମଶାଳା,୨୩।୩(ଡି.ଏନ.ଏ.)**

ଜେନାପୁର ଥାନା ମହୁଲଖୋଲି ନିକଟରେ ଭାରସାମ୍ୟ ହରାଇ ଧାନ ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ନାବାଳକ ହେଲେ ସ୍ଥାନୀୟ ଚକ୍ରଧରପୁର ପଞ୍ଚାୟତ ନୂଆସାହି ଗ୍ରାମର ବାବୁଲି ନାୟକଙ୍କ ୧୩ବର୍ଷର ପୁଅ ଶଙ୍କର। ଗୁରୁତର ହେଲେ ସେହି ଗ୍ରାମର ବିଦ୍ୟାଧର ଦଳେଇଙ୍କ ୧୧ବର୍ଷର ପୁଅ ଶରତ। ସୂଚନା ଅନୁଯାୟୀ, କଲକୁ ଧାନ ପେଶା ହେବାକୁ ଯାଉଥିବା ଟ୍ରାକ୍ଟର ଉପରେ ଦୁହେଁ ବସିଥିଲେ। ମହୁଲଖୋଲି ନିକଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଉଭୟ ଟ୍ରାକ୍ଟର ତଳେ ଚାପି ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଶଙ୍କରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶରତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଜେନାପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦେବୀଗଡ଼ା ଘାଟରୁ ପ୍ରାଚୀନ ମୂର୍ତ୍ତି ଉଦ୍ଧାର



**ଯାଜପୁର ଟାଉନ,୨୩।୩(ଡି.ଏନ.ଏ.)**

ଯାଜପୁର ସହରର ଦେବୀଗଡ଼ା ଘାଟରୁ ମଙ୍ଗଳବାର ୪ଟି ପ୍ରାଚୀନ ମୂର୍ତ୍ତି ଉଦ୍ଧାର କରାଯାଇଛି। ୧୫ ତାରିଖରେ ସିଦ୍ଧେଶ୍ୱର ମନ୍ଦିର ନିକଟରୁ ଗୋଟିଏ ଶିବ ଲିଙ୍ଗ ଓ ୨ଟି ଛୋଟ ମନ୍ଦିର ଉଦ୍ଧାର କରାଯାଇଥିଲା। ତେବେ ଦେବୀଗଡ଼ା ଘାଟରୁ ମୂର୍ତ୍ତି ଉଦ୍ଧାର ଚର୍ଚ୍ଚାର ବିଷୟ ପାଲଟିଛି। ଦେବୀଗଡ଼ା ଘାଟରୁ ଉଦ୍ଧାର ହୋଇଥିବା ପ୍ରାଚୀନ ମୂର୍ତ୍ତି ମଧ୍ୟମରେ ଏକ ବାସୁଆ ବଳଦ, ଶିବ ଲିଙ୍ଗ, ଦୁର୍ଗା ଓ ଭଗ୍ନ ଦେବୀ ମୂର୍ତ୍ତି ରହିଛି। ସୂଚନାଯୋଗ୍ୟ, ବୈତରଣୀ ନଦୀଗର୍ଭରୁ ଜେସିବି ସାହାଯ୍ୟରେ ବାଲି ଖୋଳା ଯିବାବେଳେ ମୂର୍ତ୍ତି ଗୁଡ଼ିକୁ ଉଦ୍ଧାର କରାଯାଇଛି। କେତେଜଣଙ୍କ ମତରେ ଏହି ମୂର୍ତ୍ତିଗୁଡ଼ିକ ବହୁ ପ୍ରାଚୀନ ସମୟର। ଏହା ଭଗ୍ନ ଅବସ୍ଥା ଥିବାରୁ ନଦୀରେ ବିସର୍ଜନ କରାଯାଇଛି ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବୈତରଣୀ ନଦୀ ଗର୍ଭରୁ ମିଳିଥିବା ମୂର୍ତ୍ତିଗୁଡ଼ିକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ତେବେ ନଦୀ ଗର୍ଭରୁ ଆବିଷ୍କୃତ ହେଉଥିବା ମୂର୍ତ୍ତି ଗୁଡ଼ିକୁ ସୁରକ୍ଷିତ ରଖିବା ଉପରେ ପ୍ରତ୍ନତାତ୍ତ୍ୱିକ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଫାଙ୍କା ଗୁଳିଚାଳନା କରି ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨୩।୩**

ଜଗତ୍‌ସିଂହପୁର ଥାନା କାଠିଆପଡ଼ାରେ ମଙ୍ଗଳବାର ପାଖାପାଖି ୧୨ ଟା୩୦ରେ ଜଣେ ଯୁବକ ବନ୍ଧୁକ ଦେଖାଇ ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଛି। ଏହି ଗାଁର ରୁକ୍ମିଣୀ ମହାପାତ୍ର (୭୦)ଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତ କାଦୁଆପଡ଼ାର ରାକେଶ ମଲ୍ଲିକଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଏକ ୯ ଏମ୍‌ଏମ୍ ପିସ୍ତଲ, ଗୋଟିଏ ଅଫୁଟା ଗୁଳି ଓ ଫାଙ୍କା କେସ୍ ଜବତ କରିଛି। ରୁକ୍ମଣୀଙ୍କ ଅଭିଯୋଗ ଅନୁଯାୟୀ, ରାକେଶ ଏକ କାରରେ ଆସି ତାଙ୍କ ଘର ସାମ୍ନାରେ ପହଞ୍ଚି ଗାଳିଗୁଲଜ କରିଥିଲେ। କେହି ଘରୁ ନ ବାହାରିଲେ ବନ୍ଧୁକ ଗୁଳିରେ ବୋହୂ, ପୁଅ ସହ ତାଙ୍କୁ ମାରିଦେବେ ବୋଲି ଧମକ ଦେଇଥିଲେ। ଭୟଭୀତ ହୋଇ ସାନବୋହୂ ସସ୍ମିତା ବାହାରକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତ ରାକେଶ ହଠାତ୍ ସସ୍ମିତାଙ୍କ ପାଟିରେ ବନ୍ଧୁକ ପୂରାଇ ଜାଗା ଛାଡିବାକୁ ଚେତାବନୀ ଦେଇଥିଲେ। ଏଥିସହ ୪/୫ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୪୧/୨୧) ରୁଜୁ କରିଛି।

## ଗାନ୍ଧୀ ବିଶ୍ୱ ପାଇଁ ଅକଳ୍ପନୀୟ ପାରଦର୍ଶୀ

**ଧର୍ମଶାଳା,୨୩।୩(ଡି.ଏନ.ଏ.)**

### ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ସ୍ମାରକୀ ପଦଯାତ୍ରା

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ସ୍ମାରକୀ ପାଳନ ଅବସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଜାରକା କାର୍ଯ୍ୟାଳୟ ପରିସରରୁ ଦେଉଳି ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିସହିତ ବିଦ୍ୟାଳୟଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସ୍ମାରକୀ ସଭା ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଗାନ୍ଧୀ ସାମଗ୍ରିକ ଭାବେ ବିଶ୍ୱପାଇଁ ଏକ ଅକଳ୍ପନୀୟ ପାରଦର୍ଶୀ। ସାମ୍ପ୍ରତିକ ବିଶ୍ୱରେ ମହାତ୍ମାଙ୍କ ଜୀବନୀ, କାର୍ଯ୍ୟଧାରା ବହୁଳ ଭାବେ ଜନଜୀବନକୁ ପ୍ରଭାବିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ସରୋଜିନୀ ସ୍ମୃତି ସଂସଦ ସଭାପତି ଡ. ଚିତ୍ତରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂହ, ଆଇନଜୀବୀ ସନ୍ତୋଷ ତରାଇ, କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ଜେନା, ଆଜିର ଆହ୍ୱାନ ସମ୍ପାଦକ ମାନସ ରଞ୍ଜନ ଜେନା, ହୃଷୀକେଶ ସାମଲ, ଶିକ୍ଷକ ସୁବାସ ବେହେରା, ଅଧ୍ୟାପକ ବିଜୟ ନାୟକ, ରୋଟାରିଆନ୍ ପ୍ରଶାନ୍ତ ପୃଷ୍ଟି, ପ୍ରସନ୍ନ ପାଳ ପ୍ରମୁଖ ଯୋଗଦେଇ ଗାନ୍ଧିଜୀ ନିଜ ଦୈନନ୍ଦିନ ଜୀବନ ଚଳଣିରେ ବାରମ୍ବାର ପରୀକ୍ଷା ନିରୀକ୍ଷା କରି ସଫଳ ହୋଇଥିଲେ। ଯାହାକୁ ଆଜି ବିଶ୍ୱର ଅନେକ ରାଷ୍ଟ୍ର ଓ ବ୍ୟକ୍ତି ଅନୁକରଣ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସହସମ୍ପାଦକ ନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶହୀଦ ଭଗତ ସିଂହ, ଶୁକଦେବ ଓ ରାଜଗୁରୁଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।


ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# କିଟ୍ ଛାତ୍ର ଆୟୁଷମାନଙ୍କ ପ୍ରକଳ୍ପକୁ ସ୍ୱୀକୃତି

**ଯାଜପୁର ଟାଉନ,୨୩।୩(ଡି.ଏନ.ଏ.)**

### ୱାସିଂ ମେଶିନର ବର୍ଜ୍ୟଜଳ ପୁନଃ ବ୍ୟବହାର ପାଇଁ ଯନ୍ତ୍ର ଉଦ୍ଭାବନ କରିଥିଲେ

ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନ କିଟ୍‌ର ୭ମ ଶ୍ରେଣୀ ଛାତ୍ର ଆୟୁଷମାନ ନାୟକ (୧୧)ଙ୍କ ୱାସିଂ ମେସିନର ବର୍ଜ୍ୟଜଳକୁ ପୁନଃ ବ୍ୟବହାର ପ୍ରକଳ୍ପକୁ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି କୁନି ବୈଜ୍ଞାନିକ ୨୦୧୭ରେ ନିଜ ଶିକ୍ଷାନୁଷ୍ଠାନରେ ଏହି ପ୍ରକଳ୍ପ ଉଦ୍ଭାବନ କରିଥିଲେ। ପ୍ରକଳ୍ପ ପାଇଁ ସେତେବେଳେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଆୟୁଷମାନଙ୍କୁ ଏପିଜେ ଅବଦୁଲ କଲାମ ଆୱାର୍ଡରେ ସମ୍ମାନିତ କରିଥିଲେ। ଏବେ ସମ୍ପୃକ୍ତ ପ୍ରକଳ୍ପକୁ ଆଗାମୀ ୨୦ ବର୍ଷ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି। ଦେଶର ଏକମାତ୍ର ଛାତ୍ର ଆୟୁଷମାନ ଏହି ସଫଳତା ହାତେଇ ପାରିଥିବାରୁ କିଟ୍ ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ବଧାଇ ଜଣାଇଛନ୍ତି। ଏଥିସହିତ ଆୟୁଷମାନଙ୍କୁ କିଟ୍ ଇଣ୍ଟର ନ୍ୟାଶନାଲ ସ୍କୁଲର ସମସ୍ତ କର୍ମକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକ ଓ ସହପାଠୀ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଆୟୁଷମାନଙ୍କ ପିତା ସମାବେଶ ନାୟକ କିଟ୍‌ର ଜଣେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ମାଆ ସୁଚରିତା ପ୍ରଧାନ ମଧ୍ୟ କିଟ୍‌ର ଜଣେ ବରିଷ୍ଠ ଗ୍ରନ୍ଥଗାରିକା। ଆୟୁଷମାନଙ୍କ ଜନ୍ମସ୍ଥାନ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ତଳବନ୍ଧ ଗ୍ରାମରେ। ଏହି ସଫଳତା ପାଇଁ ଆୟୁଷମାନଙ୍କୁ ଜିଲାର ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଏମ୍‌ପିଙ୍କ ସହ ଛାତ୍ର ଆୟୁଷମାନ୍।

## ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**ବାଲିକୁଦା,୨୩।୩(ସ୍ୱ.ପ୍ର.)**

ବ୍ରାହ୍ମଣଡିହି ଛକର ଦୋକାନରୁ ହୋଇଥିବା ଚୋରି ଘଟଣାରେ ଫେରାର ଥିବା ଅଭିଯୁକ୍ତ ପିକୁଲ ପରିଡ଼ାଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଘର ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ଭୁଆଶୁଣି ଗାଁରେ। ଏନେଇ ଥାନାରେ ମାମଲା ରୁଜୁ ହେବା ପରଠୁ ପିକୁଲ ଭୁବନେଶ୍ୱର ଚାଲିଆସିଥିଲେ। ସୋମବାର ରାତିରେ ସେ ଘରକୁ ଆସିଥିବା ବେଳେ କୌଣସିସୂତ୍ରରୁ ଖବରପାଇ ଫାଣ୍ଡି ଅଧିକାରୀ ନିତ୍ୟାନନ୍ଦ ସ୍ୱାଇଁ ଟିମ୍ ସହ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି।

## ପୋଷ୍ଟ ଅଫିସରୁ ଟଙ୍କା ଚୋରି: ଯୁବକ ଗିରଫ

**କାଳିଆପାଣି,୨୩।୩(ଡି.ଏନ.ଏ.)**

ପୋଷ୍ଟ ଅଫିସରୁ ଟଙ୍କା ଚୋରି ଅଭିଯୋଗରେ କାଳିଆପାଣି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ଢେଙ୍କାନାଳ ଜିଲା ଭୁବନ ଥାନା ଅନଳ ଗ୍ରାମର ଯୁଗଳ ପୃଷ୍ଟି। ଯୁଗଳ ଚିଙ୍ଗୁଡ଼ିପାଳ ଉପଡାକଘର ମରାମତି ପାଇଁ ଯାଇଥିବା ବେଳେ ୫୦ ହଜାର ଟଙ୍କା ଚୋରି କରିଥିଲେ। ଏନେଇ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ରୋହିତ ମୁଣ୍ଡାରୀ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ମାମଲା (ନଂ.୨୯।୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସେ ମଙ୍ଗଳବାର ଘରେ ଥିବା ଜାଣି ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ବିଭୂତି ମହାପାତ୍ର କହିଛନ୍ତି।

## ବନ୍ଧାଲୋ ତାରିଣୀ ମନ୍ଦିରରୁ ଚୋରି

**ଯାଜପୁର ଅଫିସ/ ବଡଚଣା (ଡି.ଏନ.ଏ.), ୨୩।୩**

ଯାଜପୁର ଜିଲା ବଡଚଣା ଥାନା ଅଧୀନ ବନ୍ଧାଲୋ ଗ୍ରାମର ତାରିଣୀ ମନ୍ଦିରରୁ ସୋମବାର ରାତିରେ ଲୁହା ଗ୍ରିଲ ଭାଙ୍ଗି ଘଣ୍ଟା, ଠାକୁରାଣୀଙ୍କ ଘଣ୍ଟି, ଥାଳି, ଗରା, ଦୀପ, ତସଲା ଓ ଭୋଗ ସରଞ୍ଜାମ ଆଦି ଚୋରି ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ ବୋଲି ଅଭିଯୋଗ ହୋଇଛି। ଗ୍ରାମବାସୀ ଏ ସଂକ୍ରାନ୍ତରେ ବଡଚଣା ଥାନାରେ ଅଭିଯୋଗ କରିଛନ୍ତି।

ଗତ କିଛି ମାସ ହେବ ବଡ଼ଚଣା ଥାନା ଅଞ୍ଚଳରେ ମନ୍ଦିର ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ୧୦ମାସ ତଳେ ମା'ଗୋକୁଳା ଦେବୀଙ୍କ ପୀଠରୁ ଲକ୍ଷାଧିକ ଟଙ୍କାର ଘଣ୍ଟା, ଦେବୀଙ୍କ ସୁନା ଆଖି, ଗରା, ବାଲ୍‌ଟି, ଘଣ୍ଟ ଚୋରି ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ଗତ ଜାନୁୟାରୀ ୧୧ ରାତିରେ ଦର୍ପଣଗଡ଼ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାୟ ୨୦୦ ବର୍ଷର କୋଟ୍ରାକ୍ଷୀ ଦେବୀଙ୍କ ମନ୍ଦିର ତାଲା ଭାଙ୍ଗି ଦୁର୍ଲଭ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏହି ଘଟଣାକୁ ୩ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପୋଲିସ ଚୋରି ମୂର୍ତ୍ତି ଜବତ କରିବାରେ ବିଫଳ ହୋଇଛି। ଗତବର୍ଷ ଜୁଲାଇରେ ଚଣ୍ଡିଖୋଲ ଅଞ୍ଚଳରେ ଏକା ଥରକେ ୬ ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ସୁଙ୍ଗୁଡା ତାରିଣୀଙ୍କ ସୁନା ଆଖି, ଚିତା, ରୁପା ମୁକୁଟ, ଘଣ୍ଟା, ଦାନ ବାକ୍ସ ଏବଂ ଧାନମଣ୍ଡଳ ଶିବ ମନ୍ଦିରର ପୂଜା ସାମଗ୍ରୀ ଚୋରି ହୋଇଥିଲା। ନୂଆ ସୁଙ୍ଗୁଡା ଶିବ ମନ୍ଦିର ଏବଂ ହନୁମାନ ମନ୍ଦିରର ପୂଜା ସାମଗ୍ରୀ, ଚଣ୍ଡିଖୋଲ ଛକ ତାରିଣୀ ମନ୍ଦିର, ସୁଙ୍ଗୁଡା ଗ୍ରାମର ତାରିଣୀ ମନ୍ଦିରରୁ ବିଭିନ୍ନ ପୂଜା ସାମଗ୍ରୀ ଓ ଅଳଙ୍କାର ଚୋରି ହୋଇଥିଲା। ଯାଜପୁର ଜିଲାରେ ଗତ ୨୦ ବର୍ଷ ମଧ୍ୟରେ ୮ରୁ ଊର୍ଦ୍ଧ୍ୱ ମନ୍ଦିର ଓ ଐତିହାସିକ ସ୍ଥାନରୁ କୀର୍ତ୍ତିରାଜି ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ନାଟକ ଗାନ୍ଧୀଙ୍କ ଓଡ଼ିଶା ମଞ୍ଚସ୍ଥ

**ନୟାଗଡ଼ ଅଫିସ,୨୩।୩**

ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମରେ ମଙ୍ଗଳବାର 'ଗାନ୍ଧୀଙ୍କ ଓଡ଼ିଶା' ନାଟକ ମଞ୍ଚସ୍ଥ ହୋଇଥିଲା। ନୟାଗଡ଼ ଜିଲା ସଂସ୍କୃତି ପରିଷଦ ଓ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ରଚିତ ଏବଂ ଶରତ ଆଚାର୍ଯ୍ୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକକୁ ଜିଲାପାଳ ଡ ପୋମା ଟୁଡୁ ଉଦଘାଟନ କରିଥିଲେ। ନୟାଗଡ଼ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

# କାଟେପୂର୍ତ୍ତି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**କାଳିଆପାଣି,୨୩।୩(ଡି.ଏନ.ଏ.)**

ଟାଟାଷ୍ଟିଲ ମାଇନିଂ ପକ୍ଷରୁ ମଙ୍ଗଳବାର କାଟେପୂର୍ତ୍ତି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କଲରଙ୍ଗୀ ପୁରିଆଝର ଖେଳ ପଡ଼ିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ କମ୍ପାନୀ ନିର୍ଦ୍ଦେଶକ ଏମ୍‌ଡି ଥୋମାସ ମୁଖ୍ୟ ଅତିଥି, ସିନିୟର ଜିଏମ ଶୁଶାନ୍ତ କୁମାର ମିଶ୍ର, ଏଜିଏମ୍ ମାଇନିଂ ଅଶ୍ୱିନୀ କୁମାର, ଏଜିଏମ୍ ଏଚ୍‌ଆର୍‌ଏମ୍ ଅଜୟ କୁମାର, ଏଜିଏମ୍ ଲଜିଷ୍ଟିକ ଅମିତ ଚୋବେ, ଏଜିଏମ୍ ଆଇଟି ବିଶ୍ୱଦେବ ଦାସଗୁପ୍ତା, ଏଜିଏମ୍ ଆଡ୍‌ମିନଷ୍ଟ୍ରେଟିଭ ଗୌତମ ଚକ୍ରବର୍ତ୍ତୀ, ଶ୍ରମିକ ନେତା ନାରାୟଣ ଚକ୍ରବର୍ତ୍ତୀ ଓ ସରପଞ୍ଚ ବିଶ୍ୱଜିତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ୨୪ ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଖେଳ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ବିର୍ଷାନଗର ସହ ଶାନ୍ତି ନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟକୁ ଟାଟାଷ୍ଟିଲ ରୁରାଲ ଡେଭଲପମେଣ୍ଟ ସୋସାଇଟ କର୍ମଚାରୀମାନେ ପରିଚାଳନା କରିଥିବାବେଳେ ସ୍ଥାନୀୟ ଗ୍ରାମର ଖେଳାଳି ସହଯୋଗ କରିଥିଲେ।

